# କେନ୍ଦୁଝର : ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ




କେନ୍ଦୁଝର, ତା ୨୭.୦୯.  ଚଳିତ ସେପ୍ଟେମ୍ବର ୨୭ ତାରିଖ ଗୁରୁବାର ଦିନ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପର୍ଯ୍ୟଟନ ସଂପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ବିଶାଳ ସଚେତନତା ଶୋଭଯାତ୍ରା ଆୟୋଜିତ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ନଗର ଭବନରେ ଶେଷ ହୋଇଥିଲା । ଏହାପରେ ନଗରଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଭକ୍ତଚରଣ ପ୍ରଧାନ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପର୍ଯ୍ୟଟନ ବିଭବ ଗୋଟିଏ ଜାତିର ସଂପଦ ଏବଂ ଦେଶ ଗର୍ବ କରେ ନିଜର ପର୍ଯ୍ୟଟନ ବିଭବକୁ ନେଇ । ଯେଉଁ ଦେଶରେ ପର୍ଯ୍ୟଟନର ବିକାଶ ଘଟିଛି ସେହି ଦେଶ ସେତିକି ସମୃଦ୍ଧି ହାସଲ କରିପାରିଛି । ବର୍ତମାନ ସମୟ ଆସିଛି ପର୍ଯ୍ୟଟନକୁ ସାର୍ବଜନୀନ ଏବଂ ସୁଗମ କରିବା ପାଇଁ । ପର୍ଯ୍ୟଟନ ବର୍ତମାନ ଶିଳ୍ପରେ ପରିଣତ ହେଲାଣି । ଏହା ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ ଶାନ୍ତି, ମୈତ୍ରୀ, ବନ୍ଧୁତା ଏବଂ ବୁଝାମଣାର ବାର୍ତା ପ୍ରଚାର କରୁଛି । କେନ୍ଦୁଝର ଜିଲ୍ଲା ପର୍ଯ୍ୟଟନ ବିଭବ ପାଇଁ ଓଡିଶା ତଥା ଭାରତ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି । ଜିଲ୍ଲାର ୧୬ଟି ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଥିଲେ ମଧ୍ୟ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀକୁ ମାନ୍ୟତା ଦେବା ପାଇଁ ଉଦ୍ୟମ କରାଯାଉଛି । ଅନାଲୋଚିତ ପର୍ଯ୍ୟଟନସ୍ଥଳୀକୁ ଲୋକଲୋଚନକୁ ଆଣି ଏହାର ପ୍ରଚାର,ପ୍ରସାର ସହିତ କେନ୍ଦୁଝର ଜିଲ୍ଲାକୁ କିପରି ଅଧିକ ପର୍ଯ୍ୟଟକ ଆସିବେ ସେଥିପ୍ରତି ଯତ୍ନ ନିଆଯାଉଛି । ଜିଲ୍ଲାପାଳଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରଧାନ ସୂଚନା ଦେବା ସହ ପର୍ଯ୍ୟଟନସ୍ଥଳୀମାନଙ୍କର ବିକାଶ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏତଦ୍‌ବ୍ୟତୀତ ପର୍ଯ୍ୟଟକମାନଙ୍କୁ ଉତମ ବ୍ୟବହାର,ସକ୍ରିୟ ସହଯୋଗର ଧାରା ବଳବତର ରଖିବା, ପର୍ଯ୍ୟଟନସ୍ଥଳୀକୁ ସ୍ୱଚ୍ଛ ଏବଂ ସୁରକ୍ଷିତ ରଖି କେନ୍ଦୁଝର ଜିଲ୍ଲାର ଗାରିମାକୁ ବଢାଇବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦୁଝର ଉପଜିଲ୍ଲାପାଳ ସୋମନାଥ ପ୍ରଧାନ, ସର୍ବ ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ବକ୍ତବ୍ୟ ପ୍ରଦାନ କରି  କେନ୍ଦୁଝର ଜିଲ୍ଲାର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ, ମନୋଲଭା ପର୍ଯ୍ୟଟନ ସ୍ଥଳୀ ଉପରେ ଆଲୋକପାତ କରି ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ସମସ୍ତେ ସକ୍ରିୟ ସହଯୋଗ କରିବାକୁ ନିବେଦନ କରିଥିଲେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି ଚଳିତ ବର୍ଷର ଶୀର୍ଷକ 'ପର୍ଯ୍ୟଟନର ସାଂଖ୍ୟିକ ରୂପାନ୍ତର ସଂପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସଞ୍ଜିବ ବାରିକ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ପର୍ଯ୍ୟଟନ କାର୍ଯ୍ୟାଳୟର କନିଷ୍ଠ କିରାଣୀ ବିକ୍ରମ କେଶରୀ ପାତ୍ର, ସଂସ୍କୃତି କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଅଶୋକ କୁମାର ପାଢୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟର କର୍ମଚାରୀ ରଷିକାନ୍ତ ମହାନ୍ତ, ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀ ପ୍ରଶାନ୍ତ କୁମାର ନାଏକ, ବେଙ୍ଗବତୀ ପାତ୍ର ପ୍ରମୁଖ ସମାରୋହ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷାବିତ୍, ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ, ସଂଗଠନର କର୍ମକର୍ତା, ସମାଜର ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ । ବ୍ୟାନର ଏବଂ ପ୍ଲାକାର୍ଡରେ ପର୍ଯ୍ୟଟନ ସଂପର୍କିତ ବାର୍ତା ପ୍ରଦର୍ଶନ ଜରିଆରେ ଜନସଚେତନତା ସୃଷ୍ଟି କରାଯାଇଥିଲା ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର